# Akashvani, Sambalpur

## SAMBALPURI NEWS BULLETIN

### 17 April 2025- 6.47- 6.52 am.

*********************************************

ନିତିନ୍ ଗଡ଼୍କରୀ- ଓଡ଼ିଶାଗସ୍ତ        ଆର୍ଏନ୍ୟୁ/ ସମ୍ବଲପୁର

କେନ୍ଦ୍ର ସଡ଼କ ଆଉ ପରିବହନ୍ ମନ୍ତ୍ରୀ ନିତିନ୍ ଗଡ଼୍କରୀ ଆଏଜ୍ ଓଡ଼ିଶା ଗସ୍ତଥି ଆସୁଛନ୍ । କେନ୍ଦ୍ରମନ୍ତ୍ରୀ ଶ୍ରୀ ଗଡ଼୍କରୀ ସଖାଲ୍ବେଲା କଟକ୍ ଯାଇକରି ରେଭେନ୍ସା ବିଶ୍ୱବିଦ୍ୟାଳୟ ନ ହେବାର୍କେ ଥିବାର୍ ଆଘର୍ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବ୍ଙ୍କର୍ ଜୟନ୍ତୀ ସମାରୋହଥି ଯୋଗ୍ ଦେବେ । ଉପର୍ବେଲା ଜାତୀୟ ରାଜପଥ ପ୍ରାଧିକରଣ୍ ତର୍ଫୁ ଚାଲିଥିବା ଭିନ୍ ଭିନ୍ ସଡ଼କ୍ ପ୍ରକଳ୍ପର୍ ସମୀକ୍ଷା କର୍ବେ । ସେନ୍ତା ଭୁବ୍ନେଶ୍ୱର୍ ବର୍ମୁଣ୍ଡା ପଡ଼ିଆଠାନେ ହେବାର୍କେ ଥିବା ବିରାଟ୍ ସାଧାରଣ ସଭା ନ ପାଖାପାଖି ୪ ହଜାର୍ କୋଟି ନୁ ଅଏତ୍କା ଟଙ୍କାର୍ ୧୯ ଟା ପ୍ରକଳ୍ପର୍ ଶ୍ରୀ ଗଡ଼୍କରୀ ଲୋକାର୍ପଣ୍ ଆର୍ ଶିଳାନ୍ୟାସ୍ କର୍ବେ ।

ମୁଖ୍ୟମନ୍ତ୍ରୀ- ଜନଶୁଣାଣି        I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା ୨୧ ତାରିଖ୍ ସୋମ୍‌ବାର୍ ଦିନ ସମ୍ବଲପୁର୍ ନ ଜନ ଅଭିଯୋଗ୍ ଶୁଣାଣି କର୍‌ବେ । ଦୁର୍ଗାପାଲି ଠାନେ ଥିବା ସମ୍ବଲପୁର୍ ମହାନଗର୍ ନିଗମ୍ କାର୍ଯ୍ୟାଳୟ ଠାନେ ହେବାର୍‌କେ ଥିବା ଜନଶୁଣାଣି ଲାଗି ଲୁକେ ଆଏଜ୍ ଦିନର୍ ୧୧ ବଜେନୁ www.janasunani.odisha.gov.in ଆଉ ଜନଶୁଣାଣି ମୋବାଇଲ୍ ଆପ୍ ଜରିଏ ପଞ୍ଜିକରଣ୍ କରିପାର୍‌ବେ । ଶିବିର୍ ଲାଗି ହଜାରେ ଝନ୍ ତକ୍ ପଞ୍ଜିକରଣ୍ କରିପାର୍‌ବେ ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଟନେଲ୍ ବୌଦ୍ଧ ସମ୍ବାଦଦାତା

ଖୋର୍ଦ୍ଧା -ବଲାଙ୍ଗିର୍ ରେଲ୍‌ପ୍ରକଳ୍ପ ଅଧୀନ୍‌ଥି ଓଡ଼ିଶାର୍ ସବୁନୁ ବଡ଼ ଟନେଲ୍ ଖୁଲିଛେ । ନିର୍ମାଣାଧୀନ୍ ୪ କିଲୋମିଟର୍ ଶହେ ୫୮ ମିଟର୍ ଲମ୍ବା ଇ ଟନେଲ୍‌ର ବ୍ରେକ୍ ଥ୍ରୋ ଗଲାକାଏଲ୍ କରାହେଇଛେ । ଖୋର୍ଦ୍ଧା-ବଲାଙ୍ଗିର୍ ରେଲ୍ ପ୍ରକଳ୍ପର୍ ବୌଦ୍ଧ ଜିଲ୍ଲା ଆଡ଼େଣୀଗଡ଼ ଠାନେ ବହୁତ୍ ସମିଆ ହେଲା ଇ ଟନେଲ୍ କାମ୍

ଚାଲିଥିଲା । ଇ ବାବ୍‌ଦେ ସୂଚ୍‌ନା ଦେଇକରି ପୂର୍ବତଟ ରେଲ୍ ମହାପ୍ରବନ୍ଧକ ପରମେଶ୍ୱର୍ ଫୁଙ୍କ୍‌ୱାଲ୍ କହିଛନ୍....
(ଭଏସ୍ ଓଭର୍- ଶ୍ରୀ ଫୁଙ୍କ୍‌ୱାଲ୍)

ଲକ୍ଷପତି ଦିଦି ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ଲକ୍ଷପତି ଦିଦି ଯୋଜ୍‌ନାଥି ସାରା ଦେଶେ ପହେଲା ଠାନ୍ ହାସଲ୍ କରିଛେ । ଏପ୍ରିଲ୍ ୧୩ ତାରିଖ୍‌ତକ୍ ରାଏଜେ ଚିହ୍ନଟ୍ ହେଇଥିବା ୧୭ ଲାଖ୍ ୫୯ ହଜାର୍ ସମ୍ଭାବ୍ୟ ଲକ୍ଷପତି ଦିଦିଙ୍କର୍ ଭିତ୍‌ରୁ ୧୪ ଲାଖ୍‌ନୁ ଅଏତ୍‌କା ମହିଲା ଲକ୍ଷପତି ଦିଦି ହେଇସାରିଛନ୍ । ରାଜ୍ୟ ଇଥିର୍‌ଲାଗି ଅନୁମୋଦିତ ହେଇଥିବା ୮୨ ପ୍ରତିଶତ୍ ଲକ୍ଷ୍ୟ ପୂରଣ୍ କରିକରି ଦେଶର୍ ଅଲ୍‌ଗା ରାଜ୍ୟମାନ୍‌କୁ ପଛ୍‌ଆଡ଼େ ପକେଇକରି ଇ ରେକର୍ଡ଼ ହାସଲ୍ କରିଛେ ।

ସାଇବର୍ ଥାନା ସଂଖ୍ୟା ବୃଦ୍ଧି ଭୁବ୍‌ନେଶ୍ୱର ସମ୍ବାଦଦାତା

ରାଏଜେ ବଢୁଥିବା ସାଇବର୍ ଆଉ ଅର୍ଥନୈତିକ୍ ଅପରାଧ୍‌କେ ରୁକ୍‌ବାର୍ ସହେତେ ଟ୍ରାଫିକ୍ ସମସ୍ୟାର୍ ସମାଧାନ୍ ଲାଗି

ସାଇବର୍ ଥାନା ସଂଖ୍ୟାକେ ୧୪ ନୁ ୩୪କେ ବଢ଼ାଯାଇଛେ । ଇତାର୍‌ସହେତେ ସ୍ୱତନ୍ତ୍ର ଟ୍ରାଫିକ୍ ୱିଙ୍ଗ୍ ଲାଗି ଅତିରିକ୍ତ ୧୯୯୬ ଟା ନୂଆଁ ପଦ୍‌ବୀ ଆଉ ରାଏଜେ ଅଏତ୍‌କା ୨୦ ଟା ସାଇବର୍ ଥାନା ଲାଗି ୯ ଶହ ୮୭ ଟା ନୂଆଁ ପଦ୍‌ବୀକେ ରାଜ୍ୟ ସର୍‌କାର୍ ଅନୁମୋଦନ୍ କରିଛନ୍ । ରାଜ୍ୟ ସର୍‌କାର୍‌ଙ୍କର୍ ଅନୁମୋଦନ୍ ଉତ୍‌ରୁ ଗୃହ ବିଭାଗ୍ ତର୍‌ଫୁ ଗଲାକାଏଲ୍ ଇ ସବୁ ନୂଆଁ ପଦ୍‌ବୀ ସୃଷ୍ଟି ବାବ୍‌ଦେ ଏକାଉଂଟେଂଟ୍ ଜେନେରାଲ୍‌ଙ୍କୁ ଜନେଇ ଦିଆଯାଇଛେ ।

ଏଆଇ- କର୍ମଶାଳା I&PR

ରାଜ୍ୟର୍ ସର୍‌କାରୀ ଅଧିକାରୀମାନ୍‌କୁ କୃତ୍ରିମ ବୁଦ୍ଧିମତା- ଏଆଇର ପ୍ରୟୋଗ୍ ଉପ୍‌ରେ ବ୍ୟବହାରିକ୍ ତାଲିମ୍ ବାବ୍‌ଦେ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ସମ୍ମିଳନୀ କକ୍ଷ ନ ଗୁଟେ କର୍ମଶାଳା ହେଇଯାଇଛେ । ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ପହେଲା ଖେପେ ରାଜ୍ୟର୍ ସବୁ ଅଧିକାରୀମାନ୍‌କୁ ଏଆଇଥି ତାଲିମ୍ ଦେବାର୍ ଲାଗି ଆଉ ସୂଚନା ପ୍ରଯୁକ୍ତି ବିଭାଗ୍ ତର୍‌ଫୁ ଲକ୍ଷ୍ୟ ରଖାଯାଇଛେ ।

ବିଜୁ ପଟ୍ଟନାୟକ ଶ୍ରାଦ୍ଧଦିବସ୍         ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏଜ୍ ମହାନ୍ ଜନନାୟକ୍ ବିଜୁ ପଟ୍ଟନାୟକଙ୍କର୍ ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସ୍ ପାଲନ୍ କରାହେବା । ଆଏଜ୍ ସଖାଲର୍ ୧୦ ବଜେ ଓଡ଼ିଶା ବିଧାନ୍‌ସଭା ପରିସର୍ ନ ଥିବା ବିଜୁ ବାବୁଙ୍କର୍ ପ୍ରତିମୂର୍ତ୍ତିଥି ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ବାଚସ୍ପତି, ଉପବାଚସ୍ପତି, ମନ୍ତ୍ରୀ ଆର୍ ବିଧାୟକ୍‌ମାନେ ଶ୍ରଦ୍ଧାଞ୍ଜଳି ଜନାବେ । ସେଆଡ଼େ ଆଏଜ୍ ବେଲ୍‌ବୁଡ଼େ ଜୟଦେବ୍ ଭବନ୍ ଠାନେ ଭିଲ୍ ବିଜୁ ବାବୁଙ୍କର୍ ଶ୍ରଦ୍ଧାଦିବସ୍ ଅବ୍‌ସରେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ୍ ହେବା ।

ସମବାୟ ନିର୍ବାଚନ୍ କମିଶନର୍,ଆୟକର କମିଶନର୍

ଭୁବ୍‌ନେଶ୍ୱର ସମ୍ବାଦଦାତା

ଆଘର୍ ପ୍ରଶାସନିକ୍ ଅଧିକାରୀ ଶ୍ରୀକାନ୍ତ ପୃଷ୍ଟି ରାଜ୍ୟ ସମବାୟ ନିର୍ବାଚନ୍ କମିଶନର୍ ଭାବେ ନିଯୁକ୍ତି ପାଇଛନ୍ । ଇ ବାବ୍‌ଦେ ମୁଖ୍ୟମନ୍ତ୍ରୀଙ୍କର୍ କାର୍ଯ୍ୟାଳୟ ତରଫୁ ସୂଚ୍‌ନା ଦିଆଯାଇଛେ । ୨୦୦୩ ବେଚ୍‌ର ଆଇଏଏସ୍ ଅଫିସର୍ ଶ୍ରୀ ପୃଷ୍ଟି

ରାଜ୍ୟ ପ୍ରଶାସନିକ୍ ସ୍ତରେ୍ଥି ଭିନ୍ ଭିନ୍ ଦାୟିତ୍ୱଥି ସଫଲତାର୍ ସହେତେ କାମ୍ କରିଛନ୍ ।

ସେନ୍ତା ପାରମିତା ଶତପଥୀ ତ୍ରିପାଠୀ ଓଡ଼ିଶା ଆୟକର ବିଭାଗ୍ର ପ୍ରଧାନ୍ ମୁଖ୍ୟ କମିଶନର୍ ଭାବେ ଦାୟିତ୍ୱ ଗ୍ରହଣ୍ କରିଛନ୍ । ୧୯୮୯ ବେଚ୍ ଭାରତୀୟ ରାଜସ୍ୱ ସେବା ଅଧିକାରୀ ଭାବେ ଶ୍ରୀମତୀ ତ୍ରିପାଠୀ ଓଡ଼ିଶା ଆୟକର୍ ବିଭାଗ୍ର ଭିନ୍ ଭିନ୍ ପଦ୍ବୀଥି କାମ୍ କରିସାରିଛନ୍ ।

ଭିକମ୍ପାଲି ସେତୁ ଶିଲାନ୍ୟାସ୍          ଆର୍ଏନ୍ୟୁ/ ସମ୍ବଲପୁର

କେନ୍ଦ୍ର ସଡ଼କ୍ ଆଉ ପରିବହନ୍ ମନ୍ତ୍ରଣାଳୟ ତରଫୁ ଝାର୍ସୁଗୁଡ଼ା ଆର୍ ବର୍ଗଡ଼୍ ଜିଲ୍ଲାକେ ଜୁଡୁଥିବାର୍ ମହାନଦୀ ଉପ୍ରେ ସମ୍ପର୍କ ସେତୁର  ଆଏଜ୍ ଶିଲାନ୍ୟାସ୍ ହେବା । ଝାର୍ସୁଗୁଡ଼ା ଜିଲ୍ଲା ଲଖନ୍ପୁର୍ ବ୍ଲକ୍ ଭିକମ୍ପାଲି ହାଇସ୍କୁଲ୍ ପଡ଼ିଆଠାନେ ହେବାର୍କେ ଥିବା କାର୍ଯ୍ୟକ୍ରମ୍ଥି କେନ୍ଦ୍ର ସଡ଼କ୍ ଆଉ ପରିବହନ୍ ମନ୍ତ୍ରୀ ନୀତିନ୍ ଗଡ଼୍କରୀ ଆଭାସୀ ଜରିଏ ଶିଲାନ୍ୟାସ୍ କର୍ବେ ।

ରାଜ୍ୟ ନିର୍ବାଚନ ଆୟୁକ୍ତ          ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ୍ ପାଢ଼ୀ କଲାହାଣ୍ଡି ଗସ୍ତଥି ଆସିକରି ଜିଲ୍ଲାପାଲ୍ଙ୍କର୍ କାର୍ଯ୍ୟାଲୟ ନ କଲାହାଣ୍ଡି, ବଲାଙ୍ଗିର୍, ନୂଆପଡ଼ା ଜିଲ୍ଲାର୍ ପଂଚାୟତିରାଜ୍ ପୌରପାଲିକା ଆଉ ବିଜ୍ଞପିତ୍ ଅଂଚଲ୍ ପରିଷଦ୍ ନିର୍ବାଚନ୍ ବାବ୍‌ଦେ ସମୀକ୍ଷା କରିଛନ୍ । ପଂଚାୟତ୍ ସ୍ତର୍ ନ ଖାଲି ପଡ଼ିଥିବା ସର୍‌ପଂଚ୍, ୱାର୍ଡ଼ମେମ୍ବର୍, ସମିତି ସଭ୍ୟ ନିର୍ବାଚନ୍ ଲାଗି ଆଏବା ମେ ୧୭ ତାରିଖ୍ ଭିତ୍‌ରେ ଚୂଡ଼ାନ୍ତ ଭୋଟର୍ ତାଲିକା ପ୍ରସ୍ତୁତ୍ କର୍‌ବାର୍ ଲାଗି ଶ୍ରୀ ପାଢ଼ୀ ନିର୍ଦ୍ଦେଶ୍ ଦେଇଛନ୍ । ବୈଠକ୍‌ଥି କଲାହାଣ୍ଡି, ବଲାଙ୍ଗିର୍ ଆର୍ ନୂଆପଡ଼ା ଜିଲ୍ଲାପାଲ୍ଙ୍କର୍ ସହେତେ ଭିନ୍ ଭିନ୍ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।